# କେନ୍ଦ୍ରର ବୈମାତୃକ ଦୃଷ୍ଟିକୋଣ ଓ ଆମ ଦକ୍ଷତା

ଦାମୋଦର ପ୍ରଧାନୀ

ଭାରତ ତାର ସ୍ୱାଧୀନତା ହାସଲ କଲା ପରେ ପରେ ଦେଶରେ ସଂଘୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଅଛି । କେନ୍ଦ୍ର ସରକାର ସମଗ୍ର ଭାରତବର୍ଷରେ ଅର୍ଥନୈତିକ ସମନ୍ୱୟ ରକ୍ଷା କରିବାର ଦାୟିତ୍ୱ ବହନ କରିଛନ୍ତି ଏବଂ ସେହି ଉଦ୍ଦେଶ୍ୟରେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କର ନିର୍ଦ୍ଧାରଣ କରନ୍ତି ଏବଂ ସଂଗ୍ରହ କରିବାର ଦାୟିତ୍ୱ ମଧ୍ୟ ବହନ କରିଛନ୍ତି । ଏକ ସଂଘୀୟ ବ୍ୟବସ୍ଥାରେ ଯଦି ରାଜ୍ୟଗୁଡ଼ିକ ଉନ୍ନତ ଏବଂ ଶକ୍ତିଶାଳୀ ନ ହୁଅନ୍ତି ତେବେ କେନ୍ଦ୍ର ମଧ୍ୟ ଶକ୍ତିଶାଳୀ ହୋଇପାରିବ ନାହିଁ । ରାଜ୍ୟମାନଙ୍କର ଉନ୍ନୟନ ଏବଂ ଜନହିତକର କାର୍ଯ୍ୟକ୍ରମ ପାଇଁ ମଧ୍ୟ ଯଥେଷ୍ଟ ସମ୍ବଳ ସଂଗ୍ରହର ଆବଶ୍ୟକତା ରହିଛି, କିନ୍ତୁ ରାଜ୍ୟଗୁଡ଼ିକ ସଂଗ୍ରହ କରୁଥିବା ସମ୍ବଳ ସେଗୁଡ଼ିକର ବିକାଶ ଏବଂ ଉନ୍ନୟନ ପାଇଁ ପର୍ଯ୍ୟାପ୍ତ ହୁଏ ନାହିଁ । ତେଣୁ କେନ୍ଦ୍ର ସରକାର ସଂଗ୍ରହ କରୁଥିବା କେତେକ ନିର୍ଦ୍ଦିଷ୍ଟ କରକୁ ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରିବାର ବିଶେଷତ୍ୱ ରହିଛି ଏବଂ ଭାରତୀୟ ସମ୍ବିଧାନର ଧାରା ୨୮୦(୩)(କ) ଅନୁଯାୟୀ ରାଷ୍ଟ୍ରପତି ବିତ୍ତ ଆୟୋଗ ଗଠନ କରନ୍ତି । ଏହା କେନ୍ଦ୍ରର ଟିକସ ଆୟ ବଣ୍ଟନ କରିବା ସହିତ ରାଜ୍ୟମାନଙ୍କୁ ଋଣ, ଅନୁଦାନ ଏବଂ ସହାୟତା ମଧ୍ୟ ପ୍ରଦାନ କରିଥାନ୍ତି । ଏହି ଆର୍ଥିକ ବଣ୍ଟନ ପ୍ରକ୍ରିୟା ନ୍ୟାୟସଙ୍ଗତ ଭାବରେ ହେଉନାହିଁ ବୋଲି ବିଭିନ୍ନ ରାଜ୍ୟ ସ୍ୱର ଉତ୍ତୋଳନ କରି ଆସୁଛନ୍ତି । ଏପରିକି ରାଜ୍ୟମାନଙ୍କୁ ଅଧିକ ଅର୍ଥନୈତିକ ସ୍ୱାଧୀନତା ଦେବା ପାଇଁ ପ୍ରବଳ ଦାବି ଉପସ୍ଥାପନ କରାଯାଉଛି ।

ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ଏକ ଧାରଣା ସୃଷ୍ଟି ହୋଇଛି । ଏହି ଧାରଣା ଯେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ତାହା ନୁହେଁ । ଆମର ଜନପ୍ରତିନିଧିଗଣ ମଧ୍ୟ ଓଡ଼ିଶାର ନ୍ୟାଯ୍ୟ ଦାବି ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ସ୍ୱର ଉତ୍ତୋଳନ କରିଛନ୍ତି । ବିଭିନ୍ନ ବୃହତ୍ କେନ୍ଦ୍ରୀୟ ପ୍ରକଳ୍ପ ଏବଂ ପ୍ରତିଷ୍ଠାନ ପ୍ରତିଷ୍ଠା କରିବାରେ ଓଡ଼ିଶାକୁ ଉପେକ୍ଷା କରାଯାଉଛି ବୋଲି ଲୋକମାନେ ହୃଦୟଙ୍ଗମ କରୁଛନ୍ତି । ବିଶେଷକରି ଯେଉଁ ରାଜ୍ୟଗୁଡ଼ିକର କେନ୍ଦ୍ର ସରକାରଙ୍କର ସମର୍ଥିତ ଦଳର ସରକାର କ୍ଷମତାସୀନ ନାହାନ୍ତି ସେମାନେ କେନ୍ଦ୍ରସରକାରଙ୍କ ବିରୋଧରେ ତାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ପ୍ରବଳ ପାଟିତୁଣ୍ଡ କରୁଛନ୍ତି । ଓଡ଼ିଶା ଭଳି ଏକ ଅନଗ୍ରସର କିନ୍ତୁ ପ୍ରତିଭାସମ୍ପନ୍ନ ରାଜ୍ୟରେ ଆଇଆଇଟି ଏବଂ ଆଇଆଇଏମ୍ ପ୍ରତିଷ୍ଠା ନହେବା କେନ୍ଦ୍ର ଉଦାସୀନତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଧରିନିଆଯାଇପାରେ । ଓଡ଼ିଶାର ବହୁତ ମେଧାବୀ ଛାତ୍ର ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରେ ବର୍ତ୍ତମାନ ଅଧ୍ୟୟନରତ । ଆହୁରି ଅନେକ ମଧ୍ୟ ସେଠାରେ ଶିକ୍ଷା ସମାପ୍ତ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ । ତେବେ ଆଇଆଇଟି ଏବଂ ଆଇଆଇଏମ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ଦାବି ଯଥାର୍ଥ ନୁହେଁ କି ?

ସେହିଭଳି ରାଜ୍ୟ ସରକାରଙ୍କର କେବିକେ ଅଞ୍ଚଳରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଅନୁରୋଧକୁ ମଧ୍ୟ କେନ୍ଦ୍ର ସରକାର ଉପଯୁକ୍ତ ଧ୍ୟାନ ଦେଇନାହାନ୍ତି ବୋଲି ମତପ୍ରକାଶ ପାଉଛି । ମଧ୍ୟପ୍ରଦେଶରେ ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆପାତତଃ ନିଷ୍ପତ୍ତି ନିଆଯାଇଛି । ପ୍ରସ୍ତାବିତ ଆଦିବାସୀ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ସହିତ ଆଦିବାସୀ କଳା, ସଂସ୍କୃତି, ଐତିହ୍ୟ, ଭାଷା ଏବଂ ଔଷଧୀୟ ବିଷୟରେ ମଧ୍ୟ ଗବେଷଣା କରାଯିବାର ଯୋଜନା ରହିଛି । କେବିକେ ଭଳି ଆଦିବାସୀପ୍ରବଣ ଅଞ୍ଚଳରେ ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନହେବା ଦ୍ୱାରା ଓଡ଼ିଶା ଯେ ଉପେକ୍ଷିତ ହୋଇଛି ଏହା କହିବା ବାହୁଲ୍ୟ ମାତ୍ର । କୋଇଲା ଏବଂ ଲୁହାପଥର ଉପରେ ସମୟୋପଯୋଗୀ ତଥା ବଜାରଭିତ୍ତିକ ଦରଧାର୍ଯ୍ୟ ଏବଂ ରୟାଲିଟି ବୃଦ୍ଧି ନହେବା ଓଡ଼ିଶା ପ୍ରତି କେନ୍ଦ୍ର ଅବହେଳାର ଏକ ନିଖୁଣ ନମୂନା । ଅବଶ୍ୟ ନିକଟରେ କେନ୍ଦ୍ର ସରକାର କୋଇଲା ରୟାଲିଟି କିଛିମାତ୍ରାରେ ବୃଦ୍ଧି କରିଛନ୍ତି, କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ । ଆଡ୍‌ଭେଲୋରମ୍ ବ୍ୟବସ୍ଥା ଅନୁଯାୟୀ ରୟାଲିଟି ସ୍ଥିର ହେବା ରାଜ୍ୟସରକାର ଚାହାନ୍ତି । କୋଇଲା ଏବଂ ଲୁହାପଥରର ବଜାରଦରର ୨୦ ପ୍ରତିଶତ ରୟାଲିଟି ହେବା ଓଡ଼ିଶା ପାଇଁ ଯୁକ୍ତିଯୁକ୍ତ । ସର୍ବଶିକ୍ଷା ଅଭିଯାନରେ ରାଜ୍ୟର ଆର୍ଥିକ ଦାୟିତ୍ୱ ହ୍ରାସ, ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାରେ ତିନିଶହରୁ କମ୍ ଲୋକସଂଖ୍ୟା ଥିବା ଗ୍ରାମକୁ ସାମିଲ କରିବା, ପର୍ଯ୍ୟାପ୍ତ ପରିମାଣର ଶସ୍ତା ଚାଉଳ ଏବଂ କିରୋସିନି ଓଡ଼ିଶା ପାଇଁ ଯୋଗାଇ ଦେବା ଆଦି ଓଡ଼ିଶାର ଦାବିକୁ ଯଥାଯଥ ଧ୍ୟାନ ଦିଆଯାଉନାହିଁ । ଓଡ଼ିଶାରେ ଏମ୍ସ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରି ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାରେ ମଧ୍ୟ କେନ୍ଦ୍ର ସରକାରଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି ।

କିନ୍ତୁ ଆଜି ସମୟ ବଦଳିଯାଇଛି, ଅନେକ ରାଜ୍ୟସରକାର ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲେ ମଧ୍ୟ କେହି କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଉଚିତ ମନେ କରୁନାହାନ୍ତି । କେନ୍ଦ୍ର ବିପକ୍ଷରେ ରଣହୁଙ୍କାର ପ୍ରାୟ ଦେଉନାହାନ୍ତି । ତା' ପରିବର୍ତ୍ତେ କେନ୍ଦ୍ରର ସହଯୋଗରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସେମାନେ ସଂକଳ୍ପବଦ୍ଧ । ମଧ୍ୟପ୍ରଦେଶରେ ବିଜେପି ସରକାର ଥିବା ସତ୍ତ୍ୱେ ସେଠାରେ ଦେଶର ପ୍ରଥମ ଆଦିବାସୀ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ମାୟାବତୀ ଏବଂ ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପ୍ରଭୃତି ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ନିଜ ରାଜ୍ୟକୁ ନିମନ୍ତ୍ରଣ କରି କେନ୍ଦ୍ର ସହଯୋଗରେ ପ୍ରଗତିପଥରେ ଆଗେଇଯିବା ପାଇଁ ଚେଷ୍ଟିତ, ତେଣୁ ସମୟର ଆବଶ୍ୟକତା ହେଉଛି କେନ୍ଦ୍ର ବିରୋଧରେ ଅଭିଯୋଗ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ସହଯୋଗ ହାସଲ କରି ରାଜ୍ୟକୁ ଦ୍ରୁତ ପ୍ରଗତିପଥରେ ଆଗେଇନେବା ଏବଂ ଏହା ନିର୍ଭର କରେ ନେତୃତ୍ୱର ପରାକାଷ୍ଠା ଉପରେ । ଠିକଣା ସମୟରେ ଉପଯୁକ୍ତ ପ୍ରସ୍ତାବ ଦେଇ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ପ୍ରସ୍ତାବର ଯଥାର୍ଥତା ପ୍ରତିପାଦନ କରି କେନ୍ଦ୍ର ବ୍ୟୁରୋକ୍ରାସି ସହିତ ସୁସମ୍ପର୍କ ମଧ୍ୟରେ ରାଜ୍ୟରେ ବୃହତ୍ ଶିଳ୍ପାନୁଷ୍ଠାନ ବା କେନ୍ଦ୍ରୀୟ ପ୍ରତିଷ୍ଠାନ ପ୍ରତିଷ୍ଠିତ କରାଇପାରିବା ଯେ ଅସମ୍ଭବ ବ୍ୟାପାର ନୁହେଁ ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ।

ରେଳ ମାନଚିତ୍ରରେ ଓଡ଼ିଶାର ଚିତ୍ରକୁ ଅନୁଧ୍ୟାନ କଲେ ନିଶ୍ଚିତ ଭାବରେ ଜଣାପଡ଼ିବ ଯେ ଓଡ଼ିଶା ଅର୍ଦ୍ଧଶତାବ୍ଦୀ ଧରି ରେଳ ବିଭାଗ ଦ୍ୱାରା ଅବହେଳିତ ହୋଇ ଆସିଛି । ନୂଆ ରେଳରାସ୍ତା ପ୍ରତିଷ୍ଠା ଦିଗରେ ହେଉ ଅଥବା ରେଳପଥର ଦୋହରୀକରଣ ହେଉ କିମ୍ବା ନୂତନ ରେଳଗାଡ଼ି ପ୍ରଚଳନ ବ୍ୟବସ୍ଥା ହେଉ ଏ ସମସ୍ତେ କ୍ଷେତ୍ରରେ ଓଡ଼ିଶା ନିଜର ପଡ଼ୋଶୀ ରାଜ୍ୟମାନଙ୍କ ତୁଳନାରେ ବହୁତ ପଛରେ ପଡ଼ିଯାଇଛି । ପ୍ରାୟ ୪୦ ବର୍ଷ ଧରି ତାଳଚେର ବିମଳାଗଡ ରେଳପଥ ପାଇଁ ଓଡ଼ିଶା ତରଫରୁ ଦାବି ହେଉଥିଲେ ମଧ୍ୟ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇନାହିଁ । ଏହି ରେଳସଂଯୋଗ ସମ୍ପୂର୍ଣ୍ଣ ହେଲେ ରାଉରକେଲା ଓ ଭୁବନେଶ୍ୱରର ଦୂରତା ୧୮୦ କିଲୋମିଟର କମିଯିବ । ଏଥିରେ ମଧ୍ୟ କେନ୍ଦ୍ରର ଅବହେଳା ପରିଲକ୍ଷିତ ହେଉଛି ।

ଅତୀତରେ ମଧ୍ୟ ପାରାଦ୍ୱୀପରେ ହେବାକୁ ଥିବା ଅଏଲ ରିଫାଇନାରୀକୁ ତାମିଲନାଡୁକୁ ଉଠାଇନେବାର ପ୍ରଚେଷ୍ଟା ହୋଇଥିଲା । ସେତେବେଳେ ଓଡ଼ିଶାର ନେତୃବୃନ୍ଦ ଦଳମତ ନିର୍ବିଶେଷରେ ସମ୍ମିଳିତ ଭାବରେ ଏହାର ପ୍ରତିବାଦ କରିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ । କେନ୍ଦ୍ର ସରକାରଙ୍କ ସହିତ ସୁସମ୍ପର୍କକୁ ଆଧାର କରି ଅନେକଗୁଡ଼ିଏ ବୃହତ୍ ପ୍ରକଳ୍ପ ଆମ ରାଜ୍ୟରେ ପ୍ରତିଷ୍ଠିତ ହୋଇପାରିଛି । ତାଳଚେର ସମ୍ବଲପୁର ରେଳଲାଇନ, ତାଳଚେର ସୁପରଥର୍ମାଲ, ସଇଁତଳାରେ ଗୋଳାବାରୁଦ କାରଖାନା, ସ୍ପଞ୍ଜଲୁହା କାରଖାନା, ଟାୟାର କାରଖାନା, ଫେରୋ ଆଲଏଜ୍ କାରଖାନା, ନୀଳାଚଳ ଇସ୍ପାତ ନିଗମ ଇତ୍ୟାଦି କେନ୍ଦ୍ର ସରକାରଙ୍କ ସହଯୋଗରେ ପ୍ରତିଷ୍ଠିତ ହୋଇଥିଲା । କେନ୍ଦ୍ର ରାଜ୍ୟ ମୁକାବିଲା ସଦାବେଳେ ରାଜ୍ୟ ପାଇଁ ଅହିତକର । କେନ୍ଦ୍ର ସରକାରଙ୍କ ସହିତ ବରାବର ଯୋଗସୂତ୍ର ରକ୍ଷା କରି ନେତୃବର୍ଗଙ୍କ ଆପ୍ରାଣ ଉଦ୍ୟମ ଫଳରେ ଉପରୋକ୍ତ ସଂସ୍ଥା ସବୁ ଓଡ଼ିଶାରେ ବିଦ୍ୟମାନ । କେନ୍ଦ୍ର ସରକାରଙ୍କୁ ବୁଝାଇଦେବା ଦରକାର, ଓଡ଼ିଶା ହେଉଛି ଭାରତର ଏକ କ୍ଷୁଦ୍ର ଓ ପଛୁଆ ରାଜ୍ୟ ଯିଏକି ଆଲୋକର ସନ୍ଧାନରେ କେନ୍ଦ୍ର ସରକାର ରୂପୀ ସୂର୍ଯ୍ୟକୁ ଚାହିଁ ରହିଛି ।

କେନ୍ଦ୍ର ସରକାର ଯେ ସଦାସର୍ବଦା ଓଡ଼ିଶାକୁ ବୈମାତୃକ ଦୃଷ୍ଟିକୋଣରେ ଦେଖୁଛନ୍ତି, ତାହା ମଧ୍ୟ ସତ୍ୟ ନୁହେଁ । ନିକଟରେ କେନ୍ଦ୍ର ସରକାର ଓଡ଼ିଶାରେ ଜାତୀୟ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠା କରିଛନ୍ତି ଏବଂ ଅସ୍ଥାୟୀ ଭାବରେ ଏହା କାର୍ଯ୍ୟକାରୀ ହୋଇଛି । କ୍ରମଶଃ ଏହା ନିଜସ୍ୱ ପ୍ରତିଷ୍ଠାନରେ କାର୍ଯ୍ୟ କରିବ । ଗତ ପାଞ୍ଚବର୍ଷ ମଧ୍ୟରେ କେନ୍ଦ୍ରୀୟ ଟିକସରେ ଓଡ଼ିଶାର ଭାଗ ପ୍ରାୟ ଦୁଇଗୁଣ ହୋଇଛି । କେନ୍ଦ୍ରୀୟ ଅନୁଦାନ ମଧ୍ୟ ସନ୍ତୋଷଜନକ ଭାବରେ ବୃଦ୍ଧି ପାଇଛି । କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ମଧ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଛି । ଗତ ପାଞ୍ଚବର୍ଷରେ କେନ୍ଦ୍ର ସରକାରଙ୍କ ସମୁଦାୟ ଅର୍ଥ ସାହାଯ୍ୟ ବର୍ଷକୁ ପାଞ୍ଚହଜାର କୋଟିରୁ ଏଗାର ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ବିଭିନ୍ନ ସ୍କିମ୍‌ରେ ପ୍ରଚୁର ଅନୁଦାନ ଓଡ଼ିଶାକୁ ଆସୁଛି ଏବଂ ଏହା ଧୀରେ ଧୀରେ ବଢ଼ିବାକୁ ଲାଗିଛି ।

ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ । ଯେ କୌଣସି ରାଜନୈତିକ ଦଳ କ୍ଷମତାରେ ଥାଉ ପଛକେ ବିଭିନ୍ନ ଯୋଜନା ପ୍ରବର୍ତ୍ତନ କରି ଦେଶକୁ ଉନ୍ନତତର କରିବାରେ କେନ୍ଦ୍ରର ପ୍ରୟାସ ସର୍ବଦା ସ୍ୱାଗତଯୋଗ୍ୟ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କଯୋଜନା, ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମଯୋଗାଣ ଯୋଜନା, ସର୍ବଶିକ୍ଷା ଅଭିଯାନ, ଭାରତ ନିର୍ମାଣ ଯୋଜନା, ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା, ଗ୍ରାମୀଣ ସ୍ୱାସ୍ଥ୍ୟ ଯୋଜନା ଇତ୍ୟାଦିରେ ଅପର୍ଯ୍ୟାପ୍ତ ଟଙ୍କା ରାଜ୍ୟକୁ ଆସୁଅଛି । ରାଜ୍ୟରେ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ରର ସହଯୋଗକୁ ଆଡେଇ ଦେଇ ହେବ ନାହିଁ । ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ରାଞ୍ଚି ବିଜୟୱାଡ଼ା ରାଜପଥକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ଯାହାର ଅଧିକାଂଶ ଭାଗ ଓଡ଼ିଶା ମଧ୍ୟରେ ହିଁ ଗତି କରିବ । ଜାତୀୟ ଫଳ ପରିବା ମିସନ, ଜାତୀୟ ପାନୀୟ ଜଳ ମିସନ୍ ଜରିଆରେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟକୁ ଯଥେଷ୍ଟ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି । ଭାରତକୁ ଉନ୍ନତତର କରିବା ପାଇଁ ଯୋଜନା ପ୍ରଣୟନ ଏବଂ ସେଥିପାଇଁ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପାଇଁ ସମସ୍ୟା ନୁହେଁ । ତେଣୁ କେନ୍ଦ୍ରର ରାଜ୍ୟମାନଙ୍କ ପ୍ରତି ବିଶେଷକରି ଓଡ଼ିଶା ପ୍ରତି ଯେ ବୈମାତୃକ ଦୃଷ୍ଟିକୋଣ ରହିଛି ତାହା କେତେଦୂର ଯୁକ୍ତିସଂଗତ ଆଲୋଚନା ସାପେକ୍ଷ । କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ରାଜ୍ୟର ବିକାଶ ଲାଗି ଉପରୋକ୍ତ ଯୋଜନାଗୁଡ଼ିକର ସଫଳ ଏବଂ ସମୟୋପଯୋଗୀ କାର୍ଯ୍ୟକାରିତା ପାଇଁ ଓଡ଼ିଶାବାସୀଙ୍କର ଦକ୍ଷତାର ଆବଶ୍ୟକତା ରହିଛି ।

ନିକଟରେ ୧୦ଟି ରାଜ୍ୟରେ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କେନ୍ଦ୍ରସରକାରଙ୍କ ଦ୍ୱାରା କରାଯାଉଛି । ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା, ଏରିଆ ଉନ୍ନୟନ କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା, ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା, ଇନ୍ଦିରା ଆବାସ ଯୋଜନା ପ୍ରଭୃତି ଉପରେ ସମୀକ୍ଷା କରାଯାଇଛି । ଉକ୍ତ ସମୀକ୍ଷାରୁ ଜଣାପଡିଛି ଯେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ବେଶୀ ପଛୁଆ ରହିଛି । ଏହି ଯୋଜନାରେ ଏପର୍ଯ୍ୟନ୍ତ ୨୩୫୧.୪୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ସ୍ଥଳେ, ରାଜ୍ୟ ସରକାର ମାତ୍ର ୧୭୪୮.୫ କୋଟି ଟଙ୍କା ଖର୍ଚ୍ଚ କରିବାରେ ସମର୍ଥ ହୋଇଛନ୍ତି । ଫଳରେ ଏହି ଯୋଜନାକୁ ଓଡ଼ିଶା ହାତରୁ କାଢ଼ିନେଇ କେନ୍ଦ୍ରୀୟ ସଂସ୍ଥାକୁ କାମରେ ଲଗାଇବା ପାଇଁ ପରୋକ୍ଷରେ କେନ୍ଦ୍ର ସରକାର ଧମକ ଦେଇଛନ୍ତି । ସେହିପରି ଇନ୍ଦିରା ଆବାସ ଯୋଜନା କାର୍ଯ୍ୟକାରିତାରେ ମଧ୍ୟ ଓଡ଼ିଶା ସରକାରଙ୍କ ମନ୍ଥରତା ପ୍ରକାଶ ପାଇଛି । ରାଜ୍ୟ ସରକାର ଇନ୍ଦିରା ଆବାସ ଯୋଜନା ଅର୍ଥକୁ ସମୟଭିତ୍ତିକ ଖର୍ଚ୍ଚ କରିପାରୁନାହାନ୍ତି । ରାଜ୍ୟରେ କେତେକ ବ୍ଲକରେ ଇନ୍ଦିରା ଆବାସ ନିର୍ମାଣ ହୋଇନପାରିବାରୁ ବ୍ଲକ କର୍ତ୍ତୃପକ୍ଷ ଉକ୍ତ ଅର୍ଥକୁ ଫେରାଇ ଦେଇଛନ୍ତି । ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଯାହାକି ଏକ ଚାହିଦା ଓ ଆବଶ୍ୟକତା ଭିତ୍ତିକ ଯୋଜନା ତାହାର ରୂପାୟନ ମଧ୍ୟ ସନ୍ତୋଷଜନକ ନୁହେଁ । ରାଜ୍ୟ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନା ଯାହାକି ଗ୍ରାମାଞ୍ଚଳର ଲୋକଙ୍କୁ ଆତ୍ମନିଯୁକ୍ତି ଜରିଆରେ ରୋଜଗାରକ୍ଷମ କରିବା ଯାହାର ଲକ୍ଷ୍ୟ ତାହା ମଧ୍ୟ ସୂଚାରୁରୂପେ କାର୍ଯ୍ୟକାରୀ ହେଉନାହିଁ । ଭାରତ ନିର୍ମାଣ ଯୋଜନା ଏକ ସମୟଭିତ୍ତିକ ଯୋଜନା । ଏହାର କାର୍ଯ୍ୟକାରିତା ମଧ୍ୟ ବିଭିନ୍ନ ଦିଗରୁ ସମାଲୋଚିତ ହେଉଛି ।

କେନ୍ଦ୍ରୀୟ ଯୋଜନା ରୂପାୟନରେ ମନ୍ଥରତା ଆମର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟକୁ ଉନ୍ନତ କରିବା ବା କ୍ଷୁଧା, ବସ୍ତ୍ର ଓ ବାସଗୃହ, ସ୍ୱାସ୍ଥ୍ୟସେବା ଆଦି ମୌଳିକ ସମସ୍ୟାରୁ ମୁକ୍ତିଲାଭ କରିବା ଦିଗରେ ଯେ ଆମର ଅପାରଗତା ରହିଛି, ତାହାକୁ ଅସ୍ୱୀକାର କରିହେବ ନାହିଁ । ସମାଜର ସବୁ ବର୍ଗ ତଥା ସବୁ ବୟସର ଲୋକମାନଙ୍କର ମଙ୍ଗଳ ପାଇଁ ଯୋଜନାମାନ ପ୍ରଣୟନ ହୋଇଛି ଏବଂ ଏବେ ମଧ୍ୟ ହେଉଛି । କିନ୍ତୁ ସମସ୍ୟା ଉପୁଜିଛି ଏହାର କାର୍ଯ୍ୟକାରିତା ଉପରେ । କେନ୍ଦ୍ରୀୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ରାଜ୍ୟବାସୀଙ୍କର । ଆମେ ଯଦି ସେଥିରେ ଆନ୍ତରିକତା ପ୍ରଦର୍ଶନ ନକରି ଉଦାସୀନ ହେବା ତେବେ ଆମେ ଦାୟୀ କରିବା କାହାକୁ ? ଆମ ପାଖରେ କର୍ମପ୍ରବଣତାର ଏତେ ଅଭାବ କାହିଁକି ? କେନ୍ଦ୍ର ଯେ ଆମ ପ୍ରତି ଅବହେଳା ପ୍ରଦର୍ଶନ କରୁଛି ଏହା ବର୍ତ୍ତମାନ ପାଇଁ ଅପ୍ରାସଙ୍ଗିକ ହେଲାଭଳି ପ୍ରତୀୟମାନ ହୁଏ ।

ବିମାନବନ୍ଦରସାହି, ପୁରୀ